# Akashvani, Sambalpur

## SAMBALPURI NEWS EVENING BULLETIN

## 22 May 2026-7.02- 7.12 pm.

---

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ରୋଜ୍‌ଗାର୍ ମେଳାଥି ବାଂଟ୍‌ବେ ୫୧ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ପତ୍ର ।

୨- ରଥଯାତ୍ରାକେ ଶୃଙ୍ଖଳିତ୍ ଭାବେ କର୍‌ବାର୍ ଲାଗି ଆଇନ୍‌ମନ୍ତ୍ରୀଙ୍କର୍ ଅଧକ୍ଷତାଥି ହେଲା ସମୀକ୍ଷା ବୈଠକ୍ ।

୩- ଖାଦ୍ୟ ସୁରକ୍ଷା କ୍ଷେତ୍ରଥି ଗୁଟେ ବୈପ୍ଳବିକ୍ ପଦକ୍ଷେପ୍ ଭାବେ ଝାର୍‌ସୁଗୁଡ଼ା ନ ଲୋକାର୍ପିତ୍ ହେଲା ଅନ୍ନପୂର୍ତି ଗ୍ରେନ୍ ଏଟିଏମ୍ ।

ଆଉର୍

୪- ଓଡ଼ିଶା ଆଉ ତାର୍ ପାଖର୍ ଇଲାକା ଉପ୍‌ରେ ସକ୍ରିୟ ରହିଛେ ଗୁଟେ ଘୂର୍ଣ୍ଣିବଳୟ ।

ରୋଜ୍‌ଗାର୍ ମେଳା       ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଆଭାସୀ ଜରିଏ ୧୯ ନମ୍ବର୍ ରୋଜ୍‌ଗାର୍ ମେଳାଥି କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍ ଆଉ ସଂସ୍ଥା ନ ନୂଆଁକରି ନିଯୁକ୍ତି ପାଇଥିବା ୫୧ ହଜାର୍‌ନୁ ଅଏତ୍‌କା ଯୁଆନ୍ ପିଲା ଟୁକେଲ୍‌ଙ୍କୁ ନିଯୁକ୍ତି ପତ୍ର ବାଂଟ୍‌ବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଉପସ୍ଥିତ୍ ଥିବା ନିଯୁକ୍ତି ପାଇଥିବା ପିଲାଟୁକେଲ୍‌ଙ୍କୁ ଭିଲ୍ ସମ୍ବୋଧନ୍ କର୍‌ବେ । ଦେଶର୍ ୪୭ ଟା ଜାଗା ନ ଇ ରୋଜ୍‌ଗାର୍ ମେଳା ଆୟୋଜନ୍ କରାଯାଇଥିବାର୍ ବେଲେ ସମ୍ବଲ୍‌ପୁର୍‌ର ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ନ ରୋଜଗାର ମେଳା ଆୟୋଜନ୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଏବ୍‌ତକ୍ ଦେଶେ ଆୟୋଜିତ୍ ହେଇଥିବା ୧୮ ଟା ରୋଜ୍‌ଗାର୍ ମେଳା ଜରିଏ ପାଖାପାଖି ୧୨ ଲାଖ୍ ନିଯୁକ୍ତି ପତ୍ର ବଂଟାଯାଇସାରିଛେ ।

ସି.ଆଇ.ଆଇ.     ହି.ସ.

ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭାରତୀୟ ଶିଳ୍ପ ମହାସଂଘ- ସି.ଆଇ.ଆଇ. ଓଡ଼ିଶା ଚାପ୍ଟର୍ ଅଧ୍ୟକ୍ଷ ଅନୀଲ୍ ସିଂ ଆଉ ଉପାଧ୍ୟକ୍ଷ ମଣିକାନ୍ତ ନାୟକ୍ ସୌଜନ୍ୟମୂଳକ୍ ସାକ୍ଷାତ୍ କରିଛନ୍ । ଆଏବା ସି.ଆଇ.ଆଇ. ପୂର୍ବାଂଚଲ୍ ପରିଷଦ୍ ସମ୍ମିଳନୀ ଆୟୋଜନ୍‌କେ ନେଇକରି ବୈଠକ୍‌ଥି ଆଲୋଚନା ହେଇଛେ । ସମ୍ମିଳନୀଥି ଓଡ଼ିଶା ସହେତେ ବିହାର୍, ପଶ୍ଚିମବଙ୍ଗ୍, ଛତିଶ୍‌ଗଡ୍ ଆଉ ଝାର୍‌ଖଣ୍ଡ୍‌ର ପ୍ରତିନିଧିମାନେ ଯୋଗ୍ ଦେବେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ପୂର୍ବୋଦୟ ପରିକଳ୍ପନାଥି ଇ ରାଜ୍ୟମାନ୍‌କର୍ ସମନ୍ୱିତ୍ ଭୂମିକା ଓଡ଼ିଶାର୍ ଅଭିବୃଦ୍ଧି ଆଉ ଭବିଷ୍ୟତ୍ ଯୋଜ୍‌ନାକେ ନେଇକରି ମୁଖ୍ୟମନ୍ତ୍ରୀ ନିଜର୍ ଦୃଷ୍ଟିକୋଣ ଉପସ୍ଥାପନ୍ କର୍‌ବେ ।

ଧର୍ମେନ୍ଦ୍ର ପ୍ରଧାନ୍ ଆର୍‌ଏନ୍‌ୟୁ/ କଟକ୍

ଦେଶେ ମାତୃଭାଷା ଆଧାରିତ୍ ଶିକ୍ଷାର୍ ଆବଶ୍ୟକତା ରହିଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ନ

ଗୁଟେ ସମ୍ମିଲନୀଥି ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍, ଆଜିର୍ ଆବଶ୍ୟକତାକେ ନଜର୍‌ଥି ରଖିକରି ନୂତନ ଜାତୀୟ ଶିକ୍ଷାନୀତିର ପରିକଳ୍ପନା କରାଯାଇଛେ । ଇଥି ନବସୃଜନ, ପ୍ରଯୁକ୍ତିବିଦ୍ୟା, ଅନୁସନ୍ଧାନକେ ଜୋର୍ ଦିଆଯାଇଛେ । ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଗଠନ୍ କର୍‌ବାର୍‌କେ ହେଲେ ଦାସତ୍ୱର୍ ମାନସିକତା ତ୍ୟାଗ କର୍‌ବାର୍‌କେ ପଡ଼୍‌ବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ରଥଯାତ୍ରା- ବୈଠକ୍ ହି.ସ.

ପୁରୀ ନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ରଥଯାତ୍ରାକେ ନେଇକରି ରାଜ୍ୟ ଅତିଥି ଭବନ୍ ନ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ସ୍ନାନଯାତ୍ରାନୁ ନୀଳାଦ୍ରୀ ବିଜେତକ୍ ସବୁ ଉତ୍ସବ୍‌କେ ଶୃଙ୍ଖଳିତ୍ ଭାବେ ଆୟୋଜନ୍ କର୍‌ବାର୍ ଉପ୍‌ରେ ମନ୍ତ୍ରୀ ଜୋର୍ ଦେଇଛନ୍ ।

(ଭଏସ୍ ଓଭର୍- ଆଇନ୍‌ମନ୍ତ୍ରୀ)

ବୈଠକ୍‌ରେ ଶ୍ରୀମନ୍ଦିର୍ ପ୍ରଶାସନ୍, ପୁରୀ ଜିଲ୍ଲା ପ୍ରଶାସନ୍, ପୁଲିସ୍ ଆଉ ଦଇତାପତି ନିଯୋଗ୍‌ର ପ୍ରତିନିଧି ମାନେ ଉପସ୍ଥିତ୍ ଥିଲେ । ପହଣ୍ଡି, ରଥଘିଚା, ଭିଡ଼୍ ନିୟନ୍ତ୍ରଣ୍, ସୁରକ୍ଷା, ଭକ୍ତମାନ୍‌କର୍ ସୁବିଧା ଆଉ ନୀତି ନିର୍ଘଂଟକେ ନେଇକରି ଆଗ୍‌ତୁରା ସୂଚ୍‌ନା ବାବ୍‌ଦେ ବୈଠକ୍‌ରେ ଆଲୋଚନା ହେଇଛେ ।

ଇସି- ବାଇନାଲ ଇଲେକ୍ସନ୍ ଆର୍‌ଏନ୍‌ୟୁ/ କଟକ୍

ନିର୍ବାଚନ୍ ଆୟୋଗ୍ ୧୦ ଟା ରାଜ୍ୟର୍ ୨୪ ଟା ରାଜ୍ୟସଭା ଆସନ୍ ଲାଗି ନିର୍ବାଚନ ସୂଚୀ ଘୋଷ୍‌ନା କରିଛନ୍ । ଆନ୍ଧ୍ରପ୍ରଦେଶ୍, ଗୁଜରାଟ୍, କର୍ଣ୍ଣାଟକ୍‌ର ୪ ଟା ଲେଖା ଆସନ୍ ଲାଗି ନିର୍ବାଚନ୍ ହେବାର୍‌କେ ଥିବାର୍ ବେଲେ ରାଜସ୍ଥାନ୍ ଆଉ ମଧ୍ୟପ୍ରଦେଶ୍‌ର ୩ ଟା ଲେଖା, ଝାଡ଼ଖଣ୍ଡ୍‌ର ୨ ଟା, ମଣିପୁର୍, ମେଘାଲୟ, ଅରୁଣାଚଲ୍‌ପ୍ରଦେଶ୍ ଆଉ ମିଜୋରାମ୍‌ର ଗୁଟେ ଲେଖା ଆସନ୍ ଲାଗି ନିର୍ବାଚନ୍ ହେବା । ଆଏବା ମାସ ୧ ତାରିଖ୍ ନିର୍ବାଚନ୍ ଲାଗି ବିଜ୍ଞପ୍ତି ଜାରି କରାଯିବା ଆଉ ଜୁନ୍ ୧୮ ତାରିଖ୍

ଦର୍କାର୍ ହେଲେ ଭୋଟ୍ ଗ୍ରହଣ୍ କରାଯିବା । ସେହିଦିନ ଭୋଟ୍ ଗନ୍ତି ଭିଲ୍ କରାଯିବା ।

ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ଜୈବ ବିବିଧତା ବୋର୍ଡ୍ ତର୍ଫୁ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ର ଷ୍ଟେଟ୍ କନ୍ଭେନ୍ସନ୍ ସେଂଟର୍ ନ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ୍ ପାଲିତ୍ ହେଇଯାଇଛେ । ସ୍ଥାନୀୟ ପଦକ୍ଷେପ୍ର ବିଶ୍ୱସ୍ତରୀୟ ପ୍ରଭାବ୍ ବିଷୟବସ୍ତୁକେ ନେଇକରି ଇ ଦିବସ୍ ପାଲନ୍ କରାଯାଇଛେ । କାର୍ଯ୍ୟକ୍ରମ୍ଥି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କହିଛନ୍, ଜୈବ ବିବିଧତା କ୍ଷେତ୍ରଥି ଓଡ଼ିଶା ଦେଶର୍ ଗୁଟେ ଆଗ୍ଧାଡ଼ିର୍ ରାଜ୍ୟ ଭାବେ ପରିଚିତ୍ ହେଇଛେ । କାର୍ଯ୍ୟକ୍ରମଥି ଜୈବ ବିବିଧତା ସଂରକ୍ଷଣ୍ଥି ଉଲ୍ଲେଖନୀୟ ଅବଦାନ୍ ଲାଗି ୮ ଝନ୍କୁ ଜୈବ ବିବିଧତାର୍ ରକ୍ଷକ୍ ଆଉ ୨ ଝନ୍କୁ ଜୈବ ବିବିଧତାର୍ ବିଜେତା ସମ୍ମାନ୍ଥି ସମ୍ମାନିତ୍ କରାଯାଇଛେ । ଇ ଅବ୍ସରେ ୪

ଟା ପ୍ରମୁଖ ପୁସ୍ତକ୍ ଆଉ ରିପୋର୍ଟ ଭିଲ୍ ଉନ୍ମୋଚନ୍ କରାଯାଇଛେ ।

ଗ୍ରେନ୍ ଏଟିଏମ	ଝାର୍ସୁଗୁଡ଼ା ସମ୍ବାଦଦାତା

ଖାଦ୍ୟ ସୁରକ୍ଷା କ୍ଷେତ୍ରଥି ଗୁଟେ ବୈପ୍ଲିବିକ୍ ପଦକ୍ଷେପ୍ ଭାବେ ଓଡ଼ିଶା ସର୍କାର୍ ଆଉ ଜାତିସଂଘର୍ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ୍ର ମିଲିତ୍ ସହଯୋଗ୍ଥି ଝାର୍ସୁଗୁଡ଼ା ନ ଆଏଜ୍ ଅନ୍ନପୂର୍ତି ଗ୍ରେନ୍ ଏଟିଏମ୍ ଲୋକାର୍ପିତ୍ ହେଇଛେ । ଇଟା ଓଡ଼ିଶାର୍ ୨ ନମ୍ବର୍ ଆଉ ଦେଶର୍ ୩ ନମ୍ବର୍ ଗ୍ରେନ୍ ଏଟିଏମ୍ ଆଏ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ, ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଉ ଝାର୍ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଉପସ୍ଥିତ୍ ରହିକରି ଇତାକେ ଉଦ୍ଘାଟନ୍ କରିଛନ୍ । ଇ ଅତ୍ୟାଧୁନିକ୍ ବ୍ୟବସ୍ଥା ଜରିଏ ହିତାଧିକାରୀମାନେ ବାୟୋମେଟ୍ରିକ୍ ପ୍ରମାଣିକରଣ୍ ଉତ୍ରୁ ଖାଲି ୪୦ ସେକେଣ୍ଡ୍ଥି ୨୫ କେଜି ତକ୍ ଖାଦ୍ୟ ଶସ୍ୟ ପାଇପାର୍ବେ । ରାଜ୍ୟର୍ ଫି’ ଜିଲ୍ଲା ଆଉ ବ୍ଲକ୍ ସ୍ତର୍ ନ ଇ

ସେବା ଉପଲବ୍ଧ କରାବାର୍ ଯୋଜ୍ନା ରହିଛେ । ଆଉ ଆଏବା ଦିନେ ରାଏଜେ ଆଉ ୫ ଟା ଗ୍ରେନ୍ ଏଟିଏମ୍ ଥାପ୍ନା କରାଯିବା  ବଲି ଯୋଗାଣମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ରାଜସ୍ୱ ମନ୍ତ୍ରୀ- ଝାର୍ସୁଗୁଡ଼ା            ହି.ସ.

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଝାର୍ସୁଗୁଡ଼ା ଏଚ୍.କଟାପାଲି ନ ଥିବା ହକି ଷ୍ଟାଡ଼ିୟମ୍ ଆଏଜ୍ ପରିଦର୍ଶନ୍ କରିଛନ୍ । ଷ୍ଟାଡ଼ିୟମ୍ ନ ଚାଲିଥିବା ଟର୍ଫ ତିଆରି କାମ୍ର ଅଗ୍ରଗତି ବାବ୍ଦେ ଭିଲ୍ ସମୀକ୍ଷା କରିଥିଲେ । ଇତାର୍ସହେତେ ଷ୍ଟାଡ଼ିୟମ୍ ନ ଖେଲାଲିମାନ୍କର୍ ଲାଗି ସୁବିଧା ସୁଯୋଗ୍ ବଢ଼ାବାର୍ ଲାଗି ଅଧିକାରୀମାନ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ଆନ୍ତଃରାଜ୍ୟ ସ୍କୁଲ୍ ହକି ପ୍ରତିଯୋଗିତାଥି ଓଡ଼ିଶା ତର୍ଫୁ ଖେଲିଥିବା ୧୪ ବଛର୍ ବର୍ଗର୍ ସାହିଦ୍ ନାୟକ୍ ଆଉ ୧୬ ବଛର୍ ବର୍ଗର୍ ବିବେକ ନାୟକଙ୍କୁ ମନ୍ତ୍ରୀ ଅଭିନନ୍ଦନ୍ ଜନାବାର୍ ସହେତେ ରାଜ୍ୟ ଆଉ ଦେଶ୍

ଲାଗି ଖେଲିକରି ଜିଲ୍ଲାର୍ ନାଁ ରଖ୍‌ବାର୍‌କେ ଉତ୍ସାହିତ୍ କରିଛନ୍ ।

ରବି ଧାନ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ନ ଡାଲୁଆ ଧାନ୍ ଘିନାକେ ନେଇକରି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କର୍ ଅଧ୍ୟକ୍ଷତାଥି ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲା ନ ଏବ୍‌ତକ୍ ୧ ଲାଖ୍ କ୍ୱିଂଟାଲ୍ ଧାନ୍ ଘିନାଯାଇଛେ । ଆଏବା ଦିନେ ଭିଲ୍ ଧାରିଜ୍ ସମିଆ ଭିତ୍‌ରେ ଚାଷୀମାନ୍‌କର୍‌ନୁ ଧାନ୍ ଘିନାଯିବା ବଲି ମନ୍ତ୍ରୀ କହିଛନ୍ । ଇତାରସହେତେ ମୁଖ୍ୟମନ୍ତ୍ରୀଙ୍କର୍‌ନୁ ଖାସ୍ ନିର୍ଦ୍ଦେଶ୍ ଅନାଯାଇକରି ତଲିଆ ଜମିନ୍‌ଥି ଚାଷ୍ ହେଇଥିବା ଧାନ୍‌କେ ଭିଲ୍ ଘିନାଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ପାତ୍ର)

ଓଟିଇଟି ଏକ୍ସ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା- ଓଟିଇଟି ଜୁନ୍ ୨୧ ତାରିଖ୍ ବଦ୍‌ଲେ ୨୮ ତାରିଖ୍ ଦିନ ହେବା ବଲି ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଓଟିଇଟିର ପହେଲା ବିଷୟ ସଖାଲର୍ ୯ ନୁ ସାଢ଼େ ୧୧ ବଜେତକ୍ ଆଉ ୨ ନମ୍ବର୍ ବିଷୟ ଲାଗି ଉପର୍‌ବେଲା ୨ ନୁ ସାଢ଼େ ୪ ବଜେତକ୍ ପରୀକ୍ଷା ହେବା । ଜୁନ୍ ୧୭ ତାରିଖ୍‌ନୁ ପରିଷଦ୍‌ର ୱେବ୍‌ସାଇଟ୍‌ଥି ଏଡ୍‌ମିଟ୍‌କାର୍ଡ଼ ମିଲ୍‌ବା ବଲି ସୂଚ୍‌ନା ଦିଆଯାଇଛେ ।

ଶାରୀରିକ୍ ଶିକ୍ଷା ଅଧିକାରୀ-ତାଲିମ୍ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ଶାରୀରିକ୍ ଶିକ୍ଷା ଅଧିକାରୀମାନ୍‌କୁ ନେଇକରି ୨ ଦିନିଆ ଦିଗ୍‌ଦର୍ଶନ୍ ଆଉ ସମୀକ୍ଷା ବୈଠକ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ମାଧ୍ୟମିକ ଶିକ୍ଷା ପରିଷଦ୍ ନିର୍ଦ୍ଦେଶକ୍ ବୀରେନ୍ଦ୍ର କର୍କରା ଉଦ୍‌ଘାଟନ୍ କର୍‌ବାର୍ ସହେତେ ଅଧିକାରୀମାନ୍‌କୁ ଦିଗ୍‌ଦର୍ଶନ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ୬ ଟା କ୍ରୀଡ଼ା,

ଯୋଗାସନ, ଟାଇକୋଣ୍ଡୋ, ସଫ୍ଟବଲ୍, ଉସୁ, ସାଇକ୍ଲିଂ ଆଉ ସ୍କେଟିଂ ଖେଲ୍‌ର ପ୍ରଶିକ୍ଷକ୍‌ମାନେ ଯୋଗ୍ ଦେଇକରି ଶାରୀରିକ୍ ଶିକ୍ଷା ଅଧିକାରୀମାନ୍‌କୁ ତାଲିମ୍ ଦେଇଥିଲେ । ଗଲାକାଏଲ୍‌ନୁ ହେଇଥିବା ଇ ଦିଗ୍‌ଦର୍ଶନ୍ କାର୍ଯ୍ୟକ୍ରମ୍‌ଥି ଓଡ଼ିଶାର୍ ୩୦ ଟା ଜିଲ୍ଲାର୍ ଶାରୀରିକ୍ ଶିକ୍ଷା ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଭ୍ରୁଣହତ୍ୟା- ସଚେତନତା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଲିଙ୍ଗ ଚୟନ ଆଉ ଭ୍ରୁଣହତ୍ୟା ରୁକ୍‌ବାର୍ ବାବ୍‌ଦେ ଗୁଟେ ସମୀକ୍ଷା ବୈଠକ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଇ ବାବ୍‌ଦେ ରହିଥିବା ସର୍‌କାରୀ ଆଇନ୍ ଦାୟିତ୍ୱ ଆଉ ଜନସଚେତନତା ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ସବ୍‌ସେ ଦୂର୍ ସବ୍‌ସେ ପେହେଲେ          ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ସୋହେଲା ବ୍ଲକ୍ ସମ୍ମିଲନୀ କକ୍ଷ ନ ଜନଜାତି ଗରିମା ଅଭିଯାନ୍ ଅଧୀନ୍‌ଥି ଜିଲ୍ଲାସ୍ତରୀୟ ଜନଭାଗିଦାରୀ 'ସବ୍‌ସେ ଦୂର୍ ସବ୍‌ସେ ପେହେଲେ' କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ଜନଜାତି ବ୍ୟାପାର୍ ମନ୍ତ୍ରଣାଲୟ ଆଉ ରାଜ୍ୟ ଅନୁସୂଚିତ୍ ଜାତି ଆଉ ଜନଜାତି ବିକାଶ୍ ବିଭାଗ୍‌ର ନିର୍ଦ୍ଦେଶ୍‌ଥି ଗଲା ୧୮ ତାରିଖ୍‌ନୁ ୨୫ ତାରିଖ୍‌ତକ୍ ଧର୍‌ତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ୍ ଅଧୀନ୍‌ଥି ଇଟା ଚାଲ୍‌ବା । ଜିଲ୍ଲାର୍ ଶହେ ୫୭ ଟା ଜନଜାତି ବହୁଳ ଗାଁ ନ ରହୁଥିବା ଆଦିବାସୀ ମାନ୍‌କର୍ ପାଶେ ସର୍‌କାରୀ ଯୋଜ୍‌ନା ମାନ୍‌କର୍ ସୁବିଧା ପୁହୁଁଚାବାର୍‌ଟା ଇତାର୍ ଲକ୍ଷ୍ୟ ଆଏ ।

ଅଂଶୁଘାତ୍     ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଅଂଶୁଘାତ୍ ଲାଗି ହେଇଥିବା ମୃତ୍ୟୁ ସଂଖ୍ୟା ୩ ଥି ପୁହୁଁଚିଛେ । ବଲାଙ୍ଗିର୍, ସୁନ୍ଦର୍‌ଗଡ଼୍ ଆଉ ସୁବର୍ଣ୍ଣପୁର୍ ଜିଲ୍ଲା ନ ଜନେ ଲେଖା ବ୍ୟକ୍ତିଙ୍କର୍ ଜୀବନ୍ ଯାଇଥିବା ଉପ-ସ୍ୱତନ୍ତ୍ର ରିଲିଫ୍ କମିଶନର୍ ପଦ୍ମନାଭ ବେହେରା ସୂଚ୍‌ନା ଦେଇଛନ୍ ।

ଯୁକ୍ତ ଦୁଇ-ସ୍କେନ୍ କପି ଏନ୍‌ଏସ୍‌ଡି

କେନ୍ଦ୍ରୀୟ ମାଧ୍ୟମିକ୍ ଶିକ୍ଷା ବୋର୍ଡ଼ ସିବିଏସ୍‌ଇ ଯୁକ୍ତ ଦୁଇ ବୋର୍ଡ଼ ପରୀକ୍ଷାର୍ ଉତର୍ ଖାତା ସ୍କେନ୍ ଫଟୋକପି ଲାଗି ଶେଷ୍ ତାରିଖ୍‌କେ ଆଉ ଗୁଟେ ଦିନ୍ ବଢ଼େଇକରି ୨୪ ତାରିଖ୍‌ତକ୍ କରିଛେ । ଆଗୋନୁ ଇତାର୍ ଶେଷ୍ ସମିଆ ଆଏବା କାଏଲ୍‌ତକ୍ ଥିଲା । ସ୍କେନ୍ କପି ମିଲ୍‌ବାର୍ ଉତ୍‌ରୁ ଛାତ୍ରଛାତ୍ରୀମାନେ ପୁନଃ ମୂଲ୍ୟାଙ୍କନ୍ ଆଉ ଭେରିଫିକେସନ୍ ଲାଗି ୨ ଦିନ୍ ଭିତ୍‌ରେ ଆବେଦନ୍ କରିପାର୍‌ବେ ବଲି ବୋର୍ଡ଼ ତର୍‌ଫୁ କୁହାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଆଉ ତାର୍ ପାଖର୍ ଇଲାକା ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ତାର୍ ପ୍ରଭାବ୍‌ଥି କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଆଏବା ହପ୍ତାଥି ଲଘୁଚାପ୍ ହେବାର୍ ସମ୍ଭାବନା ରହିଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଇ ସମିଆ ଭିତ୍‌ରେ ରାଜ୍ୟର୍ କେତେଟା ଇଲାକା ନ ଜବର୍ ବର୍ଷା ହେବା ବଲି ଅନୁମାନ୍ କରାଯାଇଛେ । ସେଆଡ଼େ ରାଏଜେ ଜବର୍ ଗ୍ରୀଷ୍ମପ୍ରବାହ ଜାରି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବର୍‌ଗଡ୍, ସୁବର୍ଣ୍ଣପୁର୍, ସୁନ୍ଦର୍‌ଗଡ୍ ସହେତେ ୫ ଟା ଜିଲ୍ଲାକେ ଜବର ତାତି ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ଝାର୍‌ସୁଗୁଡ଼ା ଜିଲ୍ଲା ନ ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ୪୫ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।